# NATIONAL NEWS BULLETIN (ODIA)

**29 August - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଉଜ୍‌ବେକିସ୍ତାନ ଓ କିର୍‌ଗିଜିସ୍ତାନକୁ ୪ ଦିନିଆ ଗସ୍ତରେ ଗଲେ ପ୍ରଧାନମନ୍ତ୍ରୀ

- ନେପାଳ ବନ୍ୟାରେ ୬୨୬କୁ ବୃଦ୍ଧି ପାଇଲା ମୃତ୍ୟୁସଂଖ୍ୟା

– ୩୨୦ ଭାରତୀୟ ନାଗରିକ  ନିଖୋଜ ଥିବା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସୂଚନା

- ଭାରତ -ଆର୍ଜେଣ୍ଟିନା ମିଳିତ ବାଣିଜ୍ୟିକ କମିଟିର ଚତୁର୍ଥ ବୈଠକ ବୁଏନସ୍ଏରେ ଅନୁଷ୍ଠିତ

- 'ଖେଳିବ ଭାରତ-ଜିତିବ ଭାରତ' ବାର୍ତ୍ତା ନେଇ ଆଜି ଦେଶବ୍ୟାପୀ ପାଳନ କରାଯାଉଛି ଜାତୀୟ କ୍ରୀଡ଼ା ଦିବସ

ଏବଂ

- ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସୋମବାର ପର୍ଯ୍ୟନ୍ତ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗର ଆକଳନ

# ପିଏମ୍-ତାସ୍କେଣ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ଉଜ୍‌ବେକିସ୍ତାନ ଏବଂ କିର୍‌ଗିଜ୍‌ସ୍ତାନକୁ ୪ ଦିନିଆ ଗସ୍ତରେ ଯାଇଛନ୍ତି । ଗସ୍ତର ଅବ୍ୟବହିତ ପୂର୍ବରୁ ଶ୍ରୀ ମୋଦୀ କହିଛନ୍ତି, ଏହି ଦୁଇ ରାଷ୍ଟ୍ରକୁ ତାଙ୍କର ଗସ୍ତ ଏସିଆ ମହାଦେଶରେ ଭାରତର ରଣନୈତିକ ସହଭାଗିତାକୁ ଅଧିକ ସଶକ୍ତ କରିବ । ଦୁଇଦେଶ ମଧ୍ୟରେ ଜନସଂପର୍କ ଅଧିକ ଦୃଢ଼ୀଭୂତ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଉଜ୍‌ବେକିସ୍ତାନ ସହ ଦ୍ୱିପାକ୍ଷିକ ସହଭାଗିତାରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ବାଣିଜ୍ୟ, ନିବେଶ, ଡିଜିଟାଲ ସଂଯୋଗୀକରଣ, ପ୍ରତିରକ୍ଷା, ଶକ୍ତି ଏବଂ ବିକଶିତ ଭାରତ ତଥା ଯୁବ-ଉଜ୍‌ବେକିସ୍ତାନ ସହଭାଗିତା ଦୃଷ୍ଟିକୋଣକୁ ତ୍ୱରାନ୍ୱିତ କରିବା ପାଇଁ ରାଷ୍ଟ୍ରପତି ଶାଭକାତ୍ ମିର୍ଜିୟୋ-ୟେଭ୍‌ଙ୍କ ସହ ଆଲୋଚନା କରିବାକୁ ଅପେକ୍ଷା କରିଛନ୍ତି । ଗସ୍ତ ଅବସରରେ ଶ୍ରୀ ମୋଦୀ ତାସ୍କେଣ୍ଟ ଷ୍ଟେଟ୍ ୟୁନିଭର୍ସିଟି ଅଫ୍ ଓରିଏଣ୍ଟାଲ ଷ୍ଟଡିଜ୍‌ରେ ଲାଲବାହାଦୂର ଶାସ୍ତ୍ରୀ ସ୍ମାରକୀ ଏବଂ ମହାତ୍ମା ଗାନ୍ଧୀ କେନ୍ଦ୍ର ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି । ଦ୍ୱିପାକ୍ଷିକ ସାଂସ୍କୃତିକ ଏବଂ ଜନସଂପର୍କ ବୃଦ୍ଧି କ୍ଷେତ୍ରରେ ଶ୍ରୀ ମୋଦୀଙ୍କର ଏହି ପରିଦର୍ଶନ ଏକ ଶ୍ରଦ୍ଧାଞ୍ଜଳି ହେବ ବୋଲି ବର୍ଣ୍ଣନା କରାଯାଇଛି ।

ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ କିର୍‌ଗିଜ୍‌ସ୍ତାନ ର ରାଷ୍ଟ୍ରପତି ସାଦିର୍ ଝାପାରୋଭଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ ସେଠାକୁ ଗସ୍ତ କରିବେ । ସେଠାରେ ଆସନ୍ତା ୩୧ ତାରିଖରେ ୨୬ତମ ସାଂଘାଇ ସହଯୋଗ ସମ୍ମିଳନୀରେ ଶ୍ରୀ ମୋଦୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଗସ୍ତ ଅବସରରେ ରାଷ୍ଟ୍ରପତି ଝାପାରୋଭ ଏବଂ ଏସୀୟ ସଦସ୍ୟ ରାଷ୍ଟ୍ରଗୁଡ଼ିକର ନେତୃମଣ୍ଡଳୀ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିବେ ।

---

## ନେପାଳ ଫ୍ଲଡ୍

ନେପାଳ ବନ୍ୟାରେ ମୃତ୍ୟୁସଂଖ୍ୟା ୬୨୬ରେ ପହଞ୍ଚିଛି । ୨ ହଜାରରୁ ଅଧିକ ଲୋକ ଏବେ ମଧ୍ୟ ନିଖୋଜ ଥିବା ଜଣାପଡ଼ିଛି । ପ୍ରଭାବିତ ଅଞ୍ଚଳଗୁଡ଼ିକରେ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ସୁରକ୍ଷା ସଂସ୍ଥା ଏବଂ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ସହିତ ସ୍ଥାନୀୟ ଅଧିବାସୀ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି । ଯୋଗାଯୋଗ ବ୍ୟବସ୍ଥାକୁ ପୁନଃ କାର୍ଯ୍ୟକ୍ଷମ କରିବା ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ବନ୍ୟାରେ ପ୍ରାୟ ୩୨୦ ଜଣ ଭାରତୀୟ ନାଗରିକ ନିଖୋଜ ଅଛନ୍ତି ।

ତ୍ରିଶୂଳ-୧ ଜଳବିଦ୍ୟୁତ୍ ପ୍ରକଳ୍ପରେ କାର୍ଯ୍ୟରତ ୬୩ ଜଣ ଭାରତୀୟ ନାଗରିକଙ୍କୁ ପ୍ରଭାବିତ ଅଞ୍ଚଳରୁ ଉଦ୍ଧାର କରାଯାଇଥିବା ଶ୍ରୀ ଜୟସ୍ୱାଲ କହିଛନ୍ତି । ଚୀନ୍ ପାର୍ଶ୍ୱରେ ପ୍ରାୟ ୪୦୦ ଭାରତୀୟ ନାଗରିକ ସୁରକ୍ଷିତ ଅଛନ୍ତି ଏବଂ ସେମାନଙ୍କୁ ଫେରାଇ ଆଣିବା ପାଇଁ ପ୍ରୟାସ ଜାରି ରହିଛି । କାଠମାଣ୍ଡୁ ଓ ବେଜିଂଠାରେ ଥିବା ଭାରତୀୟ ଦୂତାବାସଗୁଡ଼ିକ ପକ୍ଷରୁ ୨୪ ଘଣ୍ଟିଆ ହେଲପ୍ ଲାଇନ୍ ନମ୍ବର ଜାରି କରାଯାଇଛି ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

ଅନ୍ୟପକ୍ଷରେ ଗତକାଲି ରାତିରେ ଉଦ୍ଧାର ପାଇଥିବା ୨୧ ଜଣ ଭାରତୀୟ ପର୍ଯ୍ୟଟକ ଚେନ୍ନାଇକୁ ଫେରିଛନ୍ତି । ବିମାନ ବନ୍ଦରଠାରେ ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ସେମାନେ ବନ୍ୟା ଜନିତ ପରିସ୍ଥିତିର ଅନୁଭବକୁ ବର୍ଣ୍ଣନା କରିଥିଲେ ।

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ତାଙ୍କର ୧୩୭ତମ ମନ କି ବାତ୍ କାର୍ଯ୍ୟକ୍ରମ ହେବ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟଓ୍ୱାର୍କ, ଆକାଶବାଣୀ ଓ୍ୱେବ୍‌ସାଇଟ୍ ଓ Newsonair  ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ Live Striming ହେବ । ହିନ୍ଦୀ ପ୍ରସାରଣ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

## ସିଏନ୍‌ଜି ମୂଲ୍ୟବୃଦ୍ଧି

ମୋଟରଯାନ ଏବଂ ବାଣିଜ୍ୟିକ ପରିବହନ ପାଇଁ ବ୍ୟବହୃତ ଇନ୍ଧନ ସିଏନ୍‌ଜି ର କିଲୋଗ୍ରାମ ପିଛା ମୂଲ୍ୟ ୩ଟଙ୍କା ଅଣାନବେ ପଇସା ବୃଦ୍ଧି ପାଇଛି । ଇନ୍ଦ୍ରପ୍ରସ୍ଥ ଗ୍ୟାସ୍ ଲିମିଟେଡ୍ -ଆଇଜିଏଲ୍ ପକ୍ଷରୁ ବୃଦ୍ଧି କରାଯାଇଥିବା ଏହି ଦର ଆଜିଠାରୁ ଲାଗୁ ହୋଇଛି । ସଂଶୋଧନ ପରେ ଦିଲ୍ଲୀରେ ସିଏନ୍‌ଜି ଏବେ କିଲୋଗ୍ରାମ ପ୍ରତି ୮୬ ଟଙ୍କା ୯୮ ପଇସା ହୋଇଛି । ଆଇଜିଏଲ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି, ମୂଲ୍ୟ

ସଂଶୋଧନ ସତ୍ତ୍ୱେ ଦିଲ୍ଲୀରେ ସିଏନଜି ଉପଭୋକ୍ତାଙ୍କ ପାଇଁ ସବୁଠାରୁ କମ୍ ଖର୍ଚ୍ଚଯୁକ୍ତ ଇନ୍ଧନ ମଧ୍ୟରେ ଏହା ଅନ୍ୟତମ । ପଶ୍ଚିମ ଏସିଆ ପରିସ୍ଥିତି ଦୃଷ୍ଟିରୁ ମୂଲ୍ୟବୃଦ୍ଧି କରାଯାଇଥିବା ଆଇଜିଏଲ୍ ସୂଚନା ଦେଇଛି ।

## ଇଣ୍ଡିଆ-ଆର୍ଜେଣ୍ଟିନା ଟ୍ରେଡ୍ କମିଟି

ଆର୍ଜେଣ୍ଟିନାର ବୁଏନସ୍‌ଠାରେ ଭାରତ-ଆର୍ଜେଣ୍ଟିନା ମିଳିତ ବାଣିଜ୍ୟିକ କମିଟିର ଚତୁର୍ଥ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗତବର୍ଷ ଆର୍ଜେଣ୍ଟିନା ଗସ୍ତ ଅବସରରେ ହୋଇଥିବା ଦ୍ୱିପାକ୍ଷିକ ସହମତି ଆଧାରିତ ପ୍ରସଙ୍ଗ ଗୁଡ଼ିକ ଉପରେ ଅଗ୍ରଗତି ନେଇ ବୈଠକରେ ସମୀକ୍ଷା କରାଯାଇଛି । ଦ୍ୱିପାକ୍ଷିକ ରଣନୈତିକ ଏବଂ ଅର୍ଥନୈତିକ ସଂପର୍କକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଉଭୟ ପକ୍ଷ ଅଙ୍ଗିକାରବଦ୍ଧତା ପ୍ରକାଶ କରିଛନ୍ତି । ଖଣି, ଶକ୍ତି, ଭିତ୍ତିଭୂମିରେ ରହିଥିବା ନିବେଶ ସୁଯୋଗ ଉପରେ ବୈଠକରେ ମତ ବିନିମୟ ହୋଇଛି । ଆର୍ଜେଣ୍ଟିନାରେ ଗୁଣାତ୍ମକ ଏବଂ ସୁଲଭ ସ୍ୱାସ୍ଥ୍ୟସୁବିଧାକୁ ଅଧିକ ବିକଶିତ କରିବା ଲକ୍ଷ୍ୟ ନେଇ ଭାରତ ପଦକ୍ଷେପ ଗ୍ରହଣ କରିବ । ଭାରତୀୟ ଔଷଧ ଉତ୍ପାଦ ପାଇଁ ଆର୍ଜେଣ୍ଟିନାର ବଜାର ଉନ୍ମୁକ୍ତ କରିବାକୁ ବୈଠକରେ ଆଲୋଚନା ହୋଇଛି । ଗତବର୍ଷ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୬ ଦଶମିକ ୫ ବିଲିୟନ୍ ଡଲାର ଅତିକ୍ରମ କରିଛି । ବାର୍ଷିକ ଏହା ୧୭ ପ୍ରତିଶତରୁ ଅଧିକ ବୃଦ୍ଧି ପାଉଛି । ଭାରତ ଏବେ ଆର୍ଜେଣ୍ଟିନାର ପଞ୍ଚମ ବୃହତ ବାଣିଜ୍ୟିକ ଅଂଶୀଦାର ଭାବେ ପରିଗଣିତ ହୋଇଛି । ଦ୍ୱିପାକ୍ଷିକ ସଂପର୍କ ଭାରତୀୟ କୃଷକ ଏବଂ ରପ୍ତାନୀକାରୀଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି ।

# ନ୍ୟାସନାଲ୍ ସ୍ପୋର୍ଟସ୍ ଡେ

"ଖେଳିବ ଭାରତ-ଜିତିବ ଭାରତ" ବାର୍ତ୍ତା ନେଇ ଆଜି ଦେଶବ୍ୟାପୀ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଉଛି । ମହାନ ହକି ଖେଳାଳି ମେଜର ଧ୍ୟାନ୍‌ଚାନ୍ଦଙ୍କ ଜନ୍ମ ବାର୍ଷିକୀକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୨୯ ତାରିଖକୁ ଜାତୀୟ କ୍ରୀଡ଼ା ଦିବସ ରୂପେ ପାଳନ କରାଯାଇଥାଏ । ସମାଜର ବିଭିନ୍ନ ଅଞ୍ଚଳ, ଧର୍ମ ତଥା ବର୍ଗର ଜନସାଧାରଣ ଏବଂ ଖେଳାଳିଙ୍କ ମଧ୍ୟରେ ସମସ୍ତ ବାଧାବିଘ୍ନ ଦୂର କରି କ୍ରୀଡ଼ାର ଉନ୍ନତି ଦିଗରେ ମିଳିତ ଭାବେ ପ୍ରୟାସ କରିବା ଏହ ଦିବସର ଉଦ୍ଦେଶ୍ୟ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଭାରତୀୟ ହକି କିମ୍ବଦନ୍ତୀ  ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ଭାରତୀୟ ହକିରେ ମେଜର ଧ୍ୟାନଚାନ୍ଦଙ୍କ ପ୍ରତିଭା ଯୁବପିଢ଼ିଙ୍କୁ ପ୍ରେରଣା ଦେଇଆସୁଛି ।

କେନ୍ଦ୍ର ଯୁବବ୍ୟାପାର ଏବଂ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ା ଦିବସରେ ଭାରତୀୟ ହକି କିମ୍ବଦନ୍ତୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି ।  ସେ କହିଛନ୍ତି, ଫିଟ୍ ଇଣ୍ଡିଆ ଆନ୍ଦୋଳନକୁ ଆଗେଇନେବା ଲକ୍ଷ୍ୟରେ ସମଗ୍ର ଦେଶରେ "ଖେଳ ପଡ଼ିଆରେ ଗୋଟିଏ ଘଣ୍ଟା" କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

**V/O**

# ହକି ଇଣ୍ଡିଆ କ୍ୟାସ୍ ଆୱାର୍ଡ

ବେଲ୍‌ଜିୟମ ଏବଂ ନେଦରଲ୍ୟାଣ୍ଡ୍‌ସରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ ୨୦୨୬ରେ ଭାରତ ଐତିହାସିକ ପଞ୍ଚମ ସ୍ଥାନ ଅଧିକାର କରିଥିବାରୁ ଭାରତୀୟ ମହିଳା ହକି ଦଳକୁ ହକି ଇଣ୍ଡିଆ ୫୦ ଲକ୍ଷ ଟଙ୍କା ନଗଦ ପୁରସ୍କାର ଘୋଷଣା କରିଛି । ଗୁରୁବାର ଦିନ ଆମଷ୍ଟେରିଭିମ୍‌ରେ ଭାରତ ପଞ୍ଚମ ସ୍ଥାନରେ ଥିବା ଜର୍ମାନୀକୁ ୩-୧ ଗୋଲ୍‌ରେ ପରାସ୍ତ କରିଥିଲା । ୧୯୭୪ ମସିହାରେ ପ୍ରଥମ ସଂସ୍କରଣରେ ଦଳ ଚତୁର୍ଥ ସ୍ଥାନ ହାସଲ କରିବା ପରଠାରୁ ଏହା ଭାରତର ସର୍ବୋତ୍ତମ ବିଶ୍ୱକପ୍ ସଫଳତା ।

# ଏସିଆ କପ୍ କ୍ରିକେଟ୍

ମହିଳା ଟି-୨୦ ଏସିଆ କପ୍ କ୍ରିକେଟ୍ ୨୦୨୬ର ଆଜି ଗ୍ରୁପ୍-ବି ରେ ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ଶ୍ରୀଲଙ୍କା ଓ ୟୁଏଇ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଭାରତୀୟ ସମୟ ରାତି ୮ଟାରେ ମ୍ୟାଚ୍ ଆରମ୍ଭ ହେବ । ଗତକାଲି ଅନୁଷ୍ଠିତ ଗ୍ରୁପ୍-ଏ ର ଏକ ମ୍ୟାଚ୍‌ରେ ଥାଇଲ୍ୟାଣ୍ଡ୍ ୬ ରନ୍‌ରେ ହଂକଂକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଥାଇଲ୍ୟାଣ୍ଡ ମହିଳା କ୍ରିକେଟ୍ ଦଳ ନିର୍ଦ୍ଧାରିତ ୨୦ ଓଭର୍‌ରେ ୯ ୱିକେଟ୍ ହରାଇ ୧୨୦ ରନ୍ ସ୍କୋର୍ କରିଥିଲା । ଜବାବରେ ହଂକଂ ମହିଳା କ୍ରିକେଟ୍ ଦଳ ୨୦ ଓଭର୍‌ରେ ୭ ୱିକେଟ୍ ବିନିମୟରେ ୧୧୪ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା ।

ଏହି ଏସିଆ କପ୍‌ରେ ମୋଟ୍ ୮ଟି ଦଳକୁ ୨ଟି ଗ୍ରୁପ୍‌ରେ ରଖାଯାଇଛି । ଭାରତ, ପାକିସ୍ତାନ, ହଂକଂ ଓ ଥାଇଲ୍ୟାଣ୍ଡ ଗ୍ରୁପ୍-ଏ ରେ ଥିବା ବେଳେ ଶ୍ରୀଲଙ୍କା, ବାଂଲାଦେଶ, ୟୁଏଇ ଏବଂ ଇଣ୍ଡୋନେସିଆ ଗ୍ରୁପ୍-ବି ରେ ରହିଛନ୍ତି । ଆସନ୍ତାକାଲି ଭାରତୀୟ ମହିଳା କ୍ରିକେଟ୍ ଦଳ ଥାଇଲ୍ୟାଣ୍ଡ ବିପକ୍ଷରେ ତା'ର ଅଭିଯାନ ଆରମ୍ଭ କରିବ । ଭାରତ-ପାକିସ୍ତାନ ମଧ୍ୟରେ ସେପ୍ଟେମ୍ବର ୫ ତାରିଖରେ ମ୍ୟାଚ୍ ଖେଳାଯିବ ।

---

## ପାଣିପାଗ

ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଆସନ୍ତା ସୋମବାର ପର୍ଯ୍ୟନ୍ତ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ଆଗାମୀ ୨ରୁ ୩ ଦିନ ମଧ୍ୟରେ ବିହାର, ପଶ୍ଚିମବଙ୍ଗର ଗାଙ୍ଗେୟ ଅଞ୍ଚଳ,ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହୋଇପାରେ । ଓଡ଼ିଶା ସମେତ କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ପୁଡୁଚେରୀ ଏବଂ ସିକିମ୍‌ରେ ମଧ୍ୟ ଆଜି ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି ।

---